# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**25 August– 2026**

## ସାର-ଉପମୁଖ୍ୟମନ୍ତ୍ରୀ

ରାଜ୍ୟରେ ସାରର ଅଭାବ ନାହିଁ । ଚାଷୀଙ୍କ ଆବଶ୍ୟକତା ଅନୁସାରେ ସାର ମହଜୁଦ ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ଶ୍ରୀ ସିଂହଦେଓ କହିଛନ୍ତି ସମୃଦ୍ଧି, ସଶକ୍ତ ଓ ଶ୍ରେଷ୍ଠ ଓଡ଼ିଶା ଗଠନରେ ଚାଷୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କୃଷି କ୍ଷେତ୍ରରେ ଯବଶକ୍ତିକୁ ଅଧିକ ସାମିଲ କରାଯିବା ସହ କୃଷକଙ୍କ ଆୟବୃଦ୍ଧି ଦିଗରେ ସମସ୍ତେ ମିଳିତ ଭାବେ ପ୍ରୟାସ କରିବା ଆବଶ୍ୟକ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଧାଡ଼ିଦର୍ଶନ-ଆଇନ୍ ମନ୍ତ୍ରୀ

ପୁରୀ ଶ୍ରୀମନ୍ଦିରରେ ଖୁବ୍‌ଶୀଘ୍ର ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ ବୋଲି ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଏ ସମ୍ପର୍କରେ ଆୟୋଜିତ ଉଚ୍ଚସ୍ତରୀୟ ବୈଠକରୁ ମିଳିଥିବା ସୂଚନା ଅନୁସାରେ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ପ୍ରସ୍ତୁତ ମଡେଲ ଅନୁଯାୟୀ ଧାଡ଼ିଦର୍ଶନ ବ୍ୟବସ୍ଥା

କରାଯିବ । ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ୭ ପାହାଚରୁ ଭିଡ଼ ନିୟନ୍ତ୍ରଣ କରାଯାଇ ଶ୍ରଦ୍ଧାଳୁଙ୍କୁ ଶୃଙ୍ଖଳିତ ଭାବେ ମନ୍ଦିର ଭିତରକୁ ପ୍ରବେଶ କରାଇବା ସମ୍ଭବ ହୋଇପାରିବ । ପ୍ରତି ଘଣ୍ଟାରେ ୮ରୁ ୧୦ହଜାର ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା ରହିବ ବୋଲି ମନ୍ତ୍ରୀ କହିଛନ୍ତି...

**V/O**

# ଗୋପାଳ ବଲ୍ଲଭ ନୂତନ ସଦସ୍ୟ

ରାଜ୍ୟ ସରକାର ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଗୋପାଳ ବଲ୍ଲଭ ପଟ୍ଟନାୟକଙ୍କୁ ରାଜ୍ୟ ଲୋକାୟୁକ୍ତ କମିଟିର ସଦସ୍ୟ ଭାବେ ମନୋନୀତ କରିଛନ୍ତି । ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଚୟନ କମିଟିର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ସୁପାରିଶ କ୍ରମେ ଜଷ୍ଟିସ ପଟ୍ଟନାୟକଙ୍କୁ ଚୟନ କମିଟି ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି ।

# ବିଜ୍ଞାନ ମନ୍ତ୍ରୀ-ମହାକାଶ ଦିବସ

ଓଡ଼ିଶାରେ ଏକ ଉପଗ୍ରହ ଉତ୍କ୍ଷେପଣ କେନ୍ଦ୍ର ପ୍ରତିଷ୍ଠା ପାଇଁ ଯୋଜନା ରହିଛି । ଏନେଇ କେନ୍ଦ୍ର ସରକାରଙ୍କ ସହ ପ୍ରାରମ୍ଭିକ ଆଲୋଚନା କରାଯାଇଛି ବୋଲି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଭୁବନେଶ୍ୱରସ୍ଥିତ ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ରରେ

ଜାତୀୟ ମହାକାଶ ଦିବସ ପାଳନ ଅବସରରେ ଶ୍ରୀ ପାତ୍ର ଛାତ୍ରଛାତ୍ରୀ ମାନଙ୍କୁ ବିଜ୍ଞାନ ପ୍ରତି ଅଧିକ ଆକୃଷ୍ଟ ହେବାକୁ ପରାମର୍ଶ ଦେଇଛନ୍ତି ।

# ଝାରସୁଗୁଡା-ବିମାନସେବା

ଝାରସୁଗୁଡା-ଭୁବନେଶ୍ୱର ମଧ୍ୟରେ ଆସନ୍ତା ୪ ତାରିଖରୁ ପୁଣିଥରେ ବିମାନସେବା ଆରମ୍ଭ ହେବ । ଏ ସମ୍ପର୍କରେ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# ଥଇଥାନ ନୀତି

ରାଜସ୍ୱ ବିଭାଗ ପକ୍ଷରୁ ଓଡ଼ିଶା ପୁର୍ନବସତି ଓ ଥଇଥାନ ନୀତି ୨୦୦୬ରେ ସଂଶୋଧନ କରାଯାଇଛି । ସଂଶୋଧିତ ନିୟମ ଅନୁଯାୟୀ ବିସ୍ଥାପିତ ପରିବାରଙ୍କୁ ମିଳୁଥିବା ବିଭିନ୍ନ ଆର୍ଥିକ ସହାୟତା ରାଶି ବୃଦ୍ଧି ହୋଇଛି । ସରକାରଙ୍କ ପକ୍ଷରୁ ପ୍ରାୟ ୬ ପ୍ରତିଶତ ବର୍ଦ୍ଧିତ ହାରରେ କ୍ଷତିଗ୍ରସ୍ତଙ୍କୁ ଥଇଥାନ ଓ ପୁର୍ନବାସ ପାଇଁ ଆର୍ଥିକ ସହାୟତା ମିଳିବ ବୋଲି ଜଣାପଡିଛି ।

# ଗଣଶିକ୍ଷା ମନ୍ତ୍ରୀ-ଉଦ୍‌ଘାଟନ

ନବରଙ୍ଗପୁର ଜିଲ୍ଲା ସାନମସି ଗାଁଠାରେ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଆଶାକର୍ମୀମାନଙ୍କୁ 'ଆଶା କିଟ୍' ବଣ୍ଟନ କରିଥିଲେ । ଜିଲ୍ଲାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ଟୀକାକରଣ ଏବଂ

ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଯୋଜନା ଗୁଡ଼ିକରେ ଆଶାକର୍ମୀଙ୍କ ଭୂମିକାକୁ ମନ୍ତ୍ରୀ ପ୍ରଶଂସା କରିଥିଲେ ।

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟସ୍ଥଳରେ ମହିଳାଙ୍କ ପ୍ରତି ଉତ୍ପୀଡ଼ନର ପ୍ରତିରୋଧ, ନିଷେଧ ଓ ଅଭିଯୋଗ ଗୁଡ଼ିକର ସମାଧାନ ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ତଦନ୍ତ ଓ ସମାଧାନ ପାଇଁ ଗଠିତ ଆଭ୍ୟନ୍ତରୀଣ କମିଟିର ଭୂମିକା ଓ ଦାୟିତ୍ୱ ଉପରେ ବିସ୍ତୃତ ଆଲୋଚନା କରାଯାଇଛି ।

## ସାକ୍ଷରତା କାର୍ଯ୍ୟକ୍ରମ

ଝାରସୁଗୁଡା ଜିଲ୍ଲାରେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅଧୀନରେ ବ୍ଲକସ୍ତରୀୟ ଅଭିମୁଖୀକରଣ ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନର ପ୍ରସାର ପାଇଁ ଏହି କାର୍ଯ୍ୟକ୍ରମରେ ୧୩୦ଜଣ ସ୍ୱେଚ୍ଛାସେବୀ ଶିକ୍ଷକ ଏବଂ କ୍ଲଷ୍ଟର ସମ୍ବଳ କେନ୍ଦ୍ର ସଂଯୋଜକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ।

## ଗରିମା ଯୋଜନା

ରାଜ୍ୟ ସରକାରଙ୍କ ଗରିମା ଯୋଜନାର ସଫଳ ରୂପାୟନ ପାଇଁ ଗଞ୍ଜାମ ଜିଲ୍ଲା ଛତ୍ରପୁର ପୌର ପରିଷଦରୁ ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ

କରାଯାଇଛି । ଭୁବନେଶ୍ୱର ଲୋକସେବା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଗରିମା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଯୋଜନା ଅଧୀନରେ ସ୍ୱଚ୍ଛତା କର୍ମଚାରୀ ଓ ସଫେଇ କର୍ମଚାରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଛତ୍ରପୁର ପୌର ପରିଷଦରେ ବିଭିନ୍ନ ବ୍ୟବସ୍ଥାକୁ ସଫଳ ଭାବେ କାର୍ଯ୍ୟକାରୀ କରାଯାଇଛି ।

## ସଚେତନତା ଶିବିର

ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଚିନ୍ଦାଗୁଡା ଗ୍ରାମରେ ଦାଦନ ଶ୍ରମିକ ମୁକ୍ତ ସଚେତନତା ଶିବିର ଆୟୋଜିତ ହୋଇଛି । ଜିଲ୍ଲାପାଳ ମଧୁସୂଦନ ଦାସ ଶିବିରରେ ନିର୍ମାଣ ଶ୍ରମିକ, ଭିବିଜୀ ରାମ୍‌ଜୀ  ସହାୟତା ପ୍ରଦାନ ସହ ଲକ୍ଷପତି ଦିଦିଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

## ସ୍ୱତନ୍ତ୍ର ସଘନ ଭୋଟର ତାଲିକା

ଭଦ୍ରକ ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଏ ପର୍ଯ୍ୟନ୍ତ ୨ଲକ୍ଷ ୫ହଜାର ୪୬୮ଟି ନୋଟିସ୍ ପ୍ରଦାନ କରାଯାଇଛି । ସୂଚନା ଅନୁଯାୟୀ ୨ଲକ୍ଷ ୪ହଜାର ୮୨୯ଟି ମାମଲାର ଶୁଣାଣି କରାଯାଇ ୩ହଜାର ୪୯୯ଟି ମାମଲା ପ୍ରକାଶନ ପାଇଁ ଅଯୋଗ୍ୟ ପ୍ରମାଣିତ ହୋଇଥିବା ଜଣାପଡିଛି ।

# ପାଣିପାଗ-ବନ୍ୟା

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଲଘୁଚାପ କ୍ଷେତ୍ର ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୭ଟି ଜିଲ୍ଲାରେ ବିଜୁଳି ଘଡଘଡି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଗତ ୨୪ଘଣ୍ଟା ମଧ୍ୟରେ କେନ୍ଦୁଝର ଜିଲ୍ଲାର ଯୋଡ଼ା ବ୍ଲକଠାରେ ସର୍ବାଧିକ ୧୪୪ ମିଲିମିଟର ବର୍ଷା ରେକର୍ଡ ହୋଇଥିଲା ।

ରାଜ୍ୟରେ ଲଘୁଚାପର ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ବୈତରଣୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା ଓ ସାଳନ୍ଦୀ ନଦୀର ଜଳସ୍ତର ବୃଦ୍ଧି ପାଇଛି । ସେହିଭଳି କଳାହାଣ୍ଡି ଜିଲ୍ଲାରେ ପ୍ରବାହିତ ହାତୀ ଓ ତେଲ ନଦୀରେ ମଧ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବନ୍ୟା ଯୋଗୁଁ ଭଦ୍ରକ, କେନ୍ଦୁଝର, ଯାଜପୁର, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ବାଲେଶ୍ୱର ଓ କଳାହାଣ୍ଡି ଆଦି ଜିଲ୍ଲା ପ୍ରଭାବିତ ହୋଇଛନ୍ତି ।